ଓଡ଼ିଶା ସରକାର

ବିଧି ବିଭାଗ

# ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର (ପ୍ରଶାସନ) ଅଧିନିୟମ, ୧୯୫୨

# The Puri Shri Jagannath Temple (Administration) Act, 1952

[ମୂଲ୍ୟ—ଟ ୦'୪୦ ପଇସା]

୧୯୫୨ ର ଓଡ଼ିଶା ଅଧିନିୟମ ୧୪

# ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର (ପ୍ରଶାସନ) ଅଧିନିୟମ, ୧୯୫୨

ସୂଚୀପତ୍ର


| ଉଦ୍ଦେଶିକ ଧାରା | | ପୃଷ୍ଠା |
|---|---|---|
| ୧ । ସଂକ୍ଷିପ୍ତ ନାମ ଓ ପ୍ରାରମ୍ଭ | .. | ୧ |
| ୨ । ସଂଜ୍ଞା | .. | ୧ |
| ୩ । ସ୍ୱେସାଲ ଅଫିସରଙ୍କ ନିଯୁକ୍ତି | .. | ୨ |
| ୪ । ସ୍ୱେସାଲ ଅଫିସରଙ୍କ କ୍ଷମତା | .. | ୨ |
| ୫ । ଅଭିଲେଖର ପ୍ରକାଶନ | .. | ୨ |
| ୬ । ଆପତ୍ତିର ଶୁଣାଣି | .. | ୩ |
| ୭ । ନିୟମାବଳୀ ପ୍ରଣୟନ କ୍ଷମତା | .. | ୩ |
| ୮ । ଶାସ୍ତି | .. | ୪ |
| ୯ । ଅସୁବିଧା ଦୂର କରିବାକୁ କ୍ଷମତା | .. | ୪ |

୧୯୫୨ ର ଓଡ଼ିଶା ଅଧିନିୟମ ୧୪

# ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ( ପ୍ରଶାସନ ) ଅଧିନିୟମ, ୧୯୫୨

(୨୯ ଜୁଲାଇ ୧୯୫୨ ରେ ରାଜ୍ୟପାଳଙ୍କ ଅନୁମତି ପ୍ରାପ୍ତ, ୨୧ ଜୁଲାଇ ୧୯୫୨ ର ଓଡ଼ିଶା ଗେଜେଟ୍‌ର ଏକ ଅସାଧାରଣ ସଂଖ୍ୟାରେ ପ୍ରଥମେ ପ୍ରକାଶିତ)

ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିରର ସେବକ, ପୂଜାରୀ ଓ ତାହାର ସେବା ପୂଜା ସହିତ ସମ୍ପୃକ୍ତ ଅନ୍ୟ ବ୍ୟକ୍ତିମାନଙ୍କର ଅଧିକାର ଓ କର୍ତ୍ତବ୍ୟର ଏକତ୍ରୀକରଣ ଦ୍ୱାରା ମନ୍ଦିରର ଓ ତାହାର ଦେବୋତ୍ତରଗୁଡ଼ିକର କୁପରିଚାଳନା ନିବାରଣ କରି ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିରର ପ୍ରଶାସନ ନିମିତ୍ତ ଉପବନ୍ଧିତ କରିବାକୁ ଏକ ଅଧିନିୟମ

ଯେହେତୁ ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିରର ଓ ତାହାର ଦେବୋତ୍ତରଗୁଡ଼ିକର କୁପରିଚାଳନା ନିବାରଣ କରି ତାହାର ଉଚିତ ପ୍ରଶାସନ ସୁଗମ କରିବାକୁ, ତାହାର ସେବକ, ପୂଜାରୀ ଓ ତାହାର ସେବା ପୂଜା ଓ ପରିଚାଳନା ସହିତ ସମ୍ପୃକ୍ତ ଅନ୍ୟ ବ୍ୟକ୍ତିମାନଙ୍କର ଅଧିକାର ଓ କର୍ତ୍ତବ୍ୟର ଏକତ୍ରୀକରଣ ନିମିତ୍ତ ଉପବନ୍ଧିତ କରିବା ସମୀଚୀନ ଅଟେ ;

ଅତଏବ ଏତଦ୍ୱାରା ନିମ୍ନମତେ ଅଧିନିୟମିତ ହେଉଅଛି :—

ସଂକ୍ଷିପ୍ତ ନାମ ଓ ପ୍ରାରମ୍ଭ ।

୧ । (୧) ଏହି ଅଧିନିୟମଟି ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର (ପ୍ରଶାସନ) ଅଧିନିୟମ, ୧୯୫୨ ନାମରେ ଅଭିହିତ ହୋଇପାରେ ।

(୨) ରାଜ୍ୟ ସରକାର, ଅଧିସୂଚନା ଦ୍ୱାରା, ଏଥି ନିମିତ୍ତ ନିଯୁକ୍ତ କରିବା ମତେ ତାରିଖରେ ଏହା ପ୍ରବୃତ୍ତ ହେବ ।

ସଂଜ୍ଞା ।

୨ । ଏହି ଅଧିନିୟମରେ ବିଷୟ ବା ପ୍ରସଙ୍ଗରେ କିଛି ବିରୁଦ୍ଧ ନ ଥିଲେ—

(କ) 'ଦେବୋତ୍ତର' ଅର୍ଥ ମନ୍ଦିରର ଥିବା ବା ମନ୍ଦିରର ସାହାଯ୍ୟାର୍ଥେ ଦିଆଯାଇଥିବା ବା ପ୍ରଦତ୍ତ ହୋଇଥିବା ବା ଦେବତାଙ୍କୁ ଅର୍ଘ୍ୟଦାନ ସେବା ବା ତାହା ସହିତ ସମ୍ପୃକ୍ତ ପୁଣ୍ୟକାର୍ଯ୍ୟ ସମେତ କୌଣସି ସେବା ସମ୍ପାଦନ ନିମିତ୍ତ ଦିଆଯାଇଥିବା ବା ପ୍ରଦତ୍ତ ହୋଇଥିବା ସମସ୍ତ ସମ୍ପତ୍ତି ଏବଂ ସମ୍ପୃକ୍ତ ସଂସ୍ଥା ଓ ତାହାର ପରିସରକୁ ଅନ୍ତର୍ଗତ କରେ ମାତ୍ର ମନ୍ଦିରର ସେବକ, ପୂଜାରୀ ବା ଅନ୍ୟ ନିୟୋଜିତ ବ୍ୟକ୍ତିମାନଙ୍କୁ ବ୍ୟକ୍ତିଗତ ଉପହାର ରୂପେ ଦିଆଯାଇଥିବା ସମ୍ପତ୍ତିର ଉପହାରକୁ ଅନ୍ତର୍ଗତ କରେ ନାହିଁ ;

ସ୍ପଷ୍ଟୀକରଣ—ଦେବତାଙ୍କୁ ଅର୍ଘ୍ୟଦାନ ସେବା କିମ୍ବା ମନ୍ଦିରରେ ବା ମନ୍ଦିରର କୌଣସି ପୁଣ୍ୟକାର୍ଯ୍ୟ ସମେତ କୌଣସି ସେବା ସମ୍ପାଦନ ନିମିତ୍ତ ମନ୍ଦିରର ଜଣେ ସେବକ, ପୂଜାରୀ ବା ଅନ୍ୟ ନିୟୋଜିତ ବ୍ୟକ୍ତିଙ୍କୁ ଦିଆଯାଇଥିବା କୌଣସି ଉପହାର, ଇନାମ ବା ମାଫି ବା ସେବାୟତ ବା ଜାଗିର ଉକ୍ତ ସେବକ, ପୂଜାରୀ ବା ଅନ୍ୟ ନିୟୋଜିତ ବ୍ୟକ୍ତିଙ୍କୁ ବ୍ୟକ୍ତିଗତ ଉପହାର ବୋଲି ବିବେଚିତ ହେବ ନାହିଁ ମାତ୍ର ଦେବୋତ୍ତର ବୋଲି ବିବେଚିତ ହେବ ।

(ଖ) 'ବିହିତ' ଅର୍ଥ ଏହି ଅଧିନିୟମ ଅଧୀନରେ ନିୟମାବଳି ଦ୍ୱାରା ବିହିତ ;

(ଗ) 'ବିନିର୍ଦ୍ଦିଷ୍ଟ ଦେବୋତ୍ତର" ଅର୍ଥ ମନ୍ଦିରରେ କୌଣସି ବିନିର୍ଦ୍ଦିଷ୍ଟ ସେବା ବା ପୁଣ୍ୟକାର୍ଯ୍ୟ ସମ୍ପାଦନ ନିମିତ୍ତ ପ୍ରଦତ୍ତ କୌଣସି ସମ୍ପତ୍ତି ବା ଧନ ; ଏବଂ

(ଘ) 'ମନ୍ଦିର' ଅର୍ଥ ପୁରୀର ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିର ଓ ତାହାର ପରିସରରେ ଥିବା ଅନ୍ୟ ମନ୍ଦିରମାନ, ସେଗୁଡ଼ିକର ସଂଲଗ୍ନ ଓ ଅଧୀନସ୍ଥ ସମ ଦେବାଳୟ, ଅନ୍ୟ ପବିତ୍ର ସ୍ଥାନ ଓ ପୁଷ୍କରିଣୀ ଏବଂ ଏହି ଅଧିନିୟମର ପ୍ରାରମ୍ଭ ପରେ ତହିଁରେ ଯାହା ଯୋଗ ହୋଇପାରେ ।

ସ୍ପେସାଲ ଅଫିସରଙ୍କ ନିଯୁକ୍ତି । ୩ । (୧) ରାଜ୍ୟ ସରକାର, ଅଧିସୂଚନା ଦ୍ୱାରା, ବିଭିନ୍ନ ସେବକ ଓ ପୂଜାରୀ ଏବଂ ମନ୍ଦିରର ଓ ତାହାର ଦେବୋତ୍ତର ଗୁଡ଼ିକର ସେବାପୂଜା ବା ପରିଚାଳନା ସହିତ ସମ୍ପୃକ୍ତ ଅନ୍ୟ ବ୍ୟକ୍ତିମାନଙ୍କର ଅଧିକାର ଓ କର୍ତ୍ତବ୍ୟ ଏକତ୍ରିତକରି ବିହିତ ହେବାମତେ ଖଣ୍ଡରେ ସମାବିଷ୍ଟ ଓ ଫାରମ ଅନ୍ତର୍ବିଷ୍ଟ ହୋଇଥିବା ଏକ ଅଭିଲେଖ ପ୍ରସ୍ତୁତ କରିବା ନିମିତ୍ତ, ବିହିତ ଯୋଗ୍ୟତା ଥିବା ଓ ହିନ୍ଦୁ ଧର୍ମାବଲମ୍ବୀ ହୋଇଥିବା ଜଣେ ସ୍ପେସାଲ ଅଫିସର ନିଯୁକ୍ତ କରିପାରିବେ ଏବଂ ଏହି ଉଦ୍ଦେଶ୍ୟରେ ତାଙ୍କୁ ସହାୟତା କରିବା ନିମିତ୍ତ ବିହିତ ଯୋଗ୍ୟତା ଥିବା ଏକ ବା ଅଧିକ ଅଫିସରଙ୍କୁ ନିଯୁକ୍ତ କରିପାରିବେ ।

(୨) ଉପଧାରା (୧) ଅଧୀନରେ ନିଯୁକ୍ତ ସ୍ପେସାଲ ଅଫିସର ଓ ଅନ୍ୟ ଅଫିସରମାନେ ବିହିତ ହେବାମତେ ବେତନ ପାଇବେ ।

ସ୍ପେସାଲ ଅଫିସରଙ୍କ ଶକ୍ତି । ୪ । (୧) ଧାରା ୩ ରେ ବିନିର୍ଦ୍ଦିଷ୍ଟ ଅଭିଲେଖ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ସ୍ପେସାଲ ଅଫିସର ବା ଏଥିନିମିତ୍ତ ତାଙ୍କୁ ସହାୟତା କରିବା ନିମିତ୍ତ ନିଯୁକ୍ତ କୌଣସି ବ୍ୟକ୍ତି, ଏକ ବିଶେଷ ସୂଚନା ଦ୍ୱାରା, ସେପରି ସେବକ, ପୂଜାରୀ ବା ମନ୍ଦିରର ସେବାପୂଜା ସହିତ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ କିମ୍ବା ଅନ୍ୟ ଯେଉଁ ବ୍ୟକ୍ତିମାନଙ୍କୁ ପରୀକ୍ଷା କରିବାକୁ ସ୍ପେସାଲ ଅଫିସର ଉପଯୁକ୍ତ ବିବେଚନା କରନ୍ତି ସେହି ବ୍ୟକ୍ତିମାନଙ୍କୁ ନୋଟିସ ଜାରିପରେ ପନ୍ଦର ଦିନରୁ ଊଣା ହୋଇ ନଥିବା ଏକ ବିନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କୌଣସି ସ୍ଥାନରେ ଉପରୋକ୍ତ ଉଦ୍ଦେଶ୍ୟ ନିମିତ୍ତ ତାଙ୍କ ନିକଟରେ ହାଜର ହେବାକୁ ଆବଶ୍ୟକ କରିପାରିବେ ; ଏବଂ ଯେଉଁ ବ୍ୟକ୍ତିଙ୍କ ଉପରେ ସେପରି ବିଶେଷ ସୂଚନା ଜାରି କରା ଯାଇପାରେ ସେପରି ପ୍ରତ୍ୟେକ ବ୍ୟକ୍ତି ସେହି ସୂଚନାରେ ଆବଶ୍ୟକ କରାଯାଇଥିବା ମତେ ହାଜର ହେବାକୁ ଏବଂ ଉକ୍ତ ସୂଚନାରେ ବର୍ଣ୍ଣିତ କୌଣସି କାର୍ଯ୍ୟ କରିବାକୁ ଓ କୌଣସି ଅବଗତି ଦେବାକୁ କିମ୍ବା ଯେଉଁ ଦସ୍ତାବେଜ ଆବଶ୍ୟକ ହୋଇପାରେ ସେହି ଦସ୍ତାବେଜ ସେ ଯେପରି କ୍ଷମ ହୋଇ ପାରନ୍ତି ସେହିମତେ ପେଶ୍ କରିବାକୁ ବୈଧତଃ ବାଧ୍ୟ ରହିବେ ।

(୨) ସିଭିଲ ପ୍ରକ୍ରିୟା ସଂହିତା, ୧୯୦୮ ଅଧୀନରେ ନିମ୍ନଲିଖିତ ବିଷୟ ସମ୍ପର୍କରେ ନ୍ୟାୟାଳୟରେ ୧୯୦୮ର ୫
ଯେଉଁ ଶକ୍ତି ନିହିତ ହୋଇଛି ଏହି ଅଧିନିୟମର ଉଦ୍ଦେଶ୍ୟ ନିମିତ୍ତ ଏହାପୂର୍ବେ ବିନିର୍ଦ୍ଦିଷ୍ଟ ଅଫିସର ବା ବ୍ୟକ୍ତିଙ୍କର ସେହି ଶକ୍ତି ରହିବ :—

(କ) କୌଣସି ବ୍ୟକ୍ତିଙ୍କୁ ହାଜର ହେବାକୁ ବାଧ୍ୟ କରିବା ଏବଂ ତାଙ୍କୁ ଶପଥ ବା ପ୍ରତିଜ୍ଞାନ ପୂର୍ବକ ପରୀକ୍ଷା କରିବା ;

(ଖ) ଦସ୍ତାବେଜର ପେଶ୍ ସମ୍ପର୍କରେ କାର୍ଯ୍ୟ କରିବା ; ଏବଂ

(ଗ) ସାକ୍ଷୀମାନଙ୍କ ପରୀକ୍ଷା ନିମିତ୍ତ କମିଶନ ପଠାଇବା; ଏବଂ ସେପରି ନିଯୁକ୍ତ ଅଫିସର ବା ବ୍ୟକ୍ତିଙ୍କ ନିକଟରେ ଏହି ଅଧିନିୟମ ଅଧୀନରେ କୌଣସି କାର୍ଯ୍ୟବାହୀ ଭାରତୀୟ ୧୮୬୦ ର ୪୫
ଦଣ୍ଡ ସଂହିତା , ୧୮୬୦ ର ଧାରା ୧୯୩ ଓ ୨୨୮ ର ଅର୍ଥାନ୍ତର୍ଗତ ଏବଂ ଧାରା ୧୯୬ ର ଉଦ୍ଦେଶ୍ୟ ନିମିତ୍ତ ଜୁଡ଼ିସିଆଲ କାର୍ଯ୍ୟବାହୀ ବୋଲି ବିବେଚିତ ହେବ ।

ଅଭିଲେଖର ପ୍ରକାଶନ । ୫ । ଧାରା ୩ ଅଧୀନରେ ସ୍ପେସାଲ ଅଫିସରଙ୍କ ଦ୍ୱାରା ସମୟାନୁକ୍ରମେ ଏହି ରୂପେ ପ୍ରସ୍ତୁତ ହୋଇଥିବା ଅଭିଲେଖ ବା ତାହାର ଏକ ଭାଗ ବିହିତ ରୀତିରେ ପ୍ରକାଶିତ ହେବ ଏବଂ ପ୍ରକାଶିତ ହେଲେ ଉକ୍ତ ଅଭିଲେଖ ଚୂଡ଼ାନ୍ତ ହେବ ଏବଂ ଏହାପରେ ଉପବନ୍ଧିତ ରୀତି ବ୍ୟତିରେକେ କୌଣସି ନ୍ୟାୟାଳୟରେ ପ୍ରଶ୍ନଭୂତ ହେବନାହିଁ :

ପରନ୍ତୁ ରାଜ୍ୟସରକାର, ଧମୟାନୁକ୍ରମେ ଦିଆଯାଇଥିବା ଓ ଗେଜେଟ୍‌ରେ ସମ୍ୟକ୍‌ରୂପେ ପ୍ରକାଶିତ ହୋଇଥିବା ଆଦେଶ ଦ୍ୱାରା, ମନ୍ଦିର ଓ ତାହାର ଦେବୋତ୍ତର ଗୁଡ଼ିକର ଆୟର ବିଭିନ୍ନ ସୂତ୍ର ଅନ୍ତର୍ବିଷ୍ଟ ହୋଇଥିବା ଉକ୍ତ ଅଭିଲେଖର ଖଣ୍ଡଗୁଡ଼ିକ ଏବଂ ଉକ୍ତ ଖଣ୍ଡଗୁଡ଼ିକରେ ଅନ୍ତର୍ଗତ ହୋଇ ନ ଥିବା ମାତ୍ର ତାହାର ଆନୁଷଙ୍ଗିକ ହୋଇଥିବା ବିଷୟଗୁଡ଼ିକ ଆଦେଶରେ ବିନିର୍ଦ୍ଦିଷ୍ଟ ହେବାମତେ ରୀତିରେ ପରେ ଅନୁପୂରିତ ହେବ ବୋଲି ନିଦେଶ ଦେଇ ପାରିବେ ଏବଂ ଏହିରୂପେ ଅନୁପୂରିତ ଅଭିଲେଖ ଧାରା ୬ର ଉପବନ୍ଧଗୁଡ଼ିକର ଅଧ୍ୟଧୀନରେ, ଏହି ଅଧିନିୟମର ଉଦ୍ଦେଶ୍ୟ ନିମିତ୍ତ ଚୂଡ଼ାନ୍ତ ଅଭିଲେଖ ହେବ ।

ଆପତ୍ତିର ଶୁଣାଣି

୬ । (୧) ଧାରା ୫ ଅଧୀନରେ ପ୍ରକାଶିତ ଅଭିଲେଖରେ ବା ତାହାର କୌଣସି ଭାଗରେ କୌଣସି ପ୍ରବିଷ୍ଟି ଦ୍ୱାରା କିମ୍ବା ଉକ୍ତ ଅଭିଲେଖକୁ ଅନୁପୂରଣ କରୁଥିବା ଓ ଉକ୍ତ ଧାରା ଅଧୀନରେ ପ୍ରକାଶିତ ହୋଇଥିବା ରାଜ୍ୟ ସରକାରଙ୍କର କୌଣସି ଆଦେଶ ଦ୍ୱାରା ବ୍ୟଥିତ ହୋଇଥିବା କୌଣସି ବ୍ୟକ୍ତି ପୁରୀ ଜିଲାରେ ଅଧିକାରିତା ପ୍ରୟୋଗ କରୁଥିବା ଜିଲା ଜଜଙ୍କ ନିକଟରେ ବିହିତ କାଳାବଧି ମଧ୍ୟରେ ଆପତ୍ତି କରିପାରିବେ ।

(୨) ଆପତ୍ତି ପ୍ରାପ୍ତ ହୋଇ ଉକ୍ତ ଜିଲା ଜଜ୍ କିମ୍ବା ଏଥିନିମିତ୍ତ ରାଜ୍ୟସରକାରଙ୍କ ଦ୍ୱାରା ବିଶେଷଭାବରେ ନିଯୁକ୍ତ ଜିଲା ଜଜ୍ ପାହ୍ୟାରୁ ଊଣା ହୋଇ ନ ଥିବା କୌଣସି ଅନ୍ୟ ଜୁଡ଼ିସିଆଲ ଅଫିସର ଏବଂ ଉକ୍ତ ଜିଲା ଜଜ୍‌ଙ୍କ ଦ୍ୱାରା ଯାହାଙ୍କୁ ସେହି ଆପତ୍ତି ହସ୍ତାନ୍ତରିତ ହୋଇପାରେ ସେହି ବ୍ୟକ୍ତି, ବିହିତ ରୀତିରେ ଆପତ୍ତି ବିଚାର କରିବା ପରେ, ତାହାଙ୍କୁ ଖାରଜ କରିବେ କିମ୍ବା ଅଭିଲେଖରେ ସେ ଉପଯୁକ୍ତ ବିବେଚନା କରିବାମତେ ରୂପାନ୍ତରିତ କରିବାକୁ ନିଦେଶ ଦେବେ, ଏବଂ ଏହିରୂପେ ଦିଆଯାଇ ଥିବା ଆଦେଶ କୌଣସି ନ୍ୟାୟାଳୟରେ ପ୍ରଶ୍ନଭୂତ ହେବ ନାହିଁ ।

(୩) ଉକ୍ତ ଜିଲାଜଜ୍ ବା ଅନ୍ୟ ଜୁଡ଼ିସିଆଲ ଅଫିସର ତାଙ୍କର ଉପରୋକ୍ତ ଆଦେଶ ରାଜ୍ୟ ସରକାରଙ୍କୁ ସଂସୂଚିତ କରିବେ ଏବଂ ରାଜ୍ୟ ସରକାର ଯଥାଶୀଘ୍ର ସେହି ରୂପାନ୍ତରଣ ଗୁଡ଼ିକ ଗେଜେଟ୍‌ରେ ପ୍ରକାଶିତ କରାଇବେ ଏବଂ ସେପରି ପ୍ରକାଶନ ପରେ ଅଭିଲେଖ ତଦନୁଯାୟୀ ରୂପାନ୍ତରିତ ହେବ ।

ନିୟମାବଳୀ ପ୍ରଣୟନ ଶକ୍ତି ।

୭ । (୧) ରାଜ୍ୟ ସରକାର ଏହି ଅଧିନିୟମର ସମସ୍ତ ବା କୌଣସି ଉଦ୍ଦେଶ୍ୟ କାର୍ଯ୍ୟାନ୍ୱିତ କରିବାକୁ, ପୂର୍ବ ପ୍ରକାଶନ ପରେ, ତାହାର ଅସଙ୍ଗତ ହୋଇ ନ ଥିବା ନିୟମାବଳି ପ୍ରଣୟନ କରି ପାରିବେ ।

(୨) ବିଶେଷତଃ ଏବଂ ପୂର୍ବୋକ୍ତ ଶକ୍ତିର ବ୍ୟାପକତା ଉପରେ ପ୍ରତିକୂଳ ପ୍ରଭାବ ନ ପକାଇ, ନିମ୍ନଲିଖିତ ବିଷୟ ସମ୍ପର୍କରେ ନିୟମାବଳୀ ପ୍ରଣୟନ କରିବାକୁ ତାଙ୍କର ଶକ୍ତି ରହିବ :—

(କ) ସ୍ପେସାଲ ଅଫିସରଙ୍କର ଓ ତାଙ୍କୁ ସହାୟତା କରିବା ଅନ୍ୟ ଅଫିସରମାନଙ୍କର ଯୋଗ୍ୟତା, ସେମାନଙ୍କର ବେତନ ଓ ଧାରା ୩ ଅଧୀନରେ ଯେଉଁ ରୀତିରେ ଅଭିଲେଖ ପ୍ରସ୍ତୁତ ହେବ ;

(ଖ) ଯେଉଁ କାଳାବଧି ମଧ୍ୟରେ ଧାରା ୬ ଅଧୀନରେ ଆପତ୍ତି ଗ୍ରହଣ କରଯାଇ ପାରିବ ଏବଂ ଯେଉଁ ରୀତିରେ ତଦଧୀନରେ ଆପତ୍ତି ବିଚାର କରାଯାଇ ପାରିବ ;

(ଗ) ଏହି ଅଧିନିୟମ ଅଧୀନରେ ବିହିତ ହେବାକୁ ଆବଶ୍ୟକ ହୋଇଥିବା ବା ଆବଶ୍ୟକ ହୋଇପାରିବା ସମସ୍ତ ଅନ୍ୟ ବିଷୟ ;

(୩) ଏହି ଅଧିନିୟମ ଅଧୀନରେ ପ୍ରଣୀତ ସମସ୍ତ ନିୟମାବଳି ଗେଜେଟ୍‌ରେ ପ୍ରକାଶିତ ହେବ ଏବଂ ସେପରି ସମସ୍ତ ପ୍ରକାଶନ ଏହି ଅଧିନିୟମରେ ଅଧିନିୟମିତ ହୋଇଥିବା ପରି ପ୍ରଭାବୀ ହେବ ।

**ଶାସ୍ତି** ୮ । ଯେଉଁ ବ୍ୟକ୍ତି ଏହି ଅଧିନିୟମର ଧାରା ୪ ଅଧୀନରେ ସ୍ପେସାଲ ଅଫିସରଙ୍କ ଦ୍ୱାରା ତାଙ୍କର ଶକ୍ତି ପ୍ରୟୋଗ କରି ଦିଆଯାଇଥିବା ବିଶେଷ ସୂଚନାର ଆବଶ୍ୟକତାଗୁଡ଼ିକ କୌଣସି ଯୁକ୍ତିଯୁକ୍ତ କାରଣ ବ୍ୟତୀତ ପାଳନ ନ କରନ୍ତି ସେହି ବ୍ୟକ୍ତି ଅନଧିକ ପାଞ୍ଚଶହ ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଏବଂ ଅପରାଧ ଗ୍ଲୁ ରହିଥିଲେ, ଅପରାଧ ଗ୍ଲୁ ରହିଥିବାର କାଳାବଧି ମଧ୍ୟରେ ଅନଧିକ ପଚାଶ ଟଙ୍କା ଦୈନିକ ଜୋରିମାନାରେ ଦଣ୍ଡନୀୟ ହେବେ ।

**ଅସୁବିଧା ଦୂର କରିବାକୁ ଶକ୍ତି ।** ୯ । ଯଦି ଏହି ଅଧିନିୟମର ଉପବନ୍ଧଗୁଡ଼ିକ ପ୍ରଭାବୀ କରିବାରେ କିଛି ଅସୁବିଧା ଉଦ୍‌ଭୂତ ହୁଏ, ତାହାହେଲେ ରାଜ୍ୟ ସରକାର, ସେହିଅସୁବିଧା ଦୂର କରିବା ଉଦ୍ଦେଶ୍ୟରେ ଯେଉଁ କାର୍ଯ୍ୟ କରିବା ଉଚିତ ଓ ଯୁକ୍ତିଯୁକ୍ତ ବୋଲି ସେ ବିବେଚନା କରନ୍ତି, ସେହି କାର୍ଯ୍ୟ ଘଟଣା ଆବଶ୍ୟକ କରିବାମତେ, ଆଦେଶ ଦ୍ୱାରା କରିପାରିବେ ।

OGP—MP-VI (Law) 26—1,000—4-2-1972

Printed by *Shri* U. N. Misra, Superintendent
Orissa Government *Press*, Madhupatna, Cuttack-3